ନିତିଦିନ
NITIDIN
NEW AGE MEDIA & PUBLICATIONS PVT. LTD.
PRINTED AT BHUBANESWAR
www.nitidin.com twitter.com/nitidintoday facebook.com/nitidintoday

ପୁରୁଣା ମୁହଁ ମଧ୍ୟରେ ପୁଣି ଲଢ଼େଇ ସମ୍ଭାବନା ୨
ରାଫେଲ୍ ଦସ୍ତାବିଜ୍ ଲିକ୍ ଦେଶ ପାଇଁ ବିପଦ ୫
'ହାତଗୋଡ଼ ହଲାଇ ହୋହଲ୍ଲା ଅଭିନୟ ନୁହେଁ' ୯

ଦିନ ଗଣୁଛନ୍ତି ରକୁଲପ୍ରୀତ୍ ୧୪

ବିଶ୍ୱର ସପ୍ତମ ଲୋକପ୍ରିୟ କ୍ରୀଡ଼ାବିତ୍ ୧୬

RNI REG. NO. ODIODI/2015/62237 • POSTAL REGD. NO.BN/258/18-20
VOLUME 4 • ISSUE 298 • BHUBANESWAR • BERHAMPUR • SAMBALPUR • BALASORE • JAJPUR • FRIDAY • 15 MARCH 2019 • 16 PAGES • ବର୍ଷ ୪ • ସଂଖ୍ୟା ୨୯୮ • ଭୁବନେଶ୍ୱର • ବ୍ରହ୍ମପୁର • ସମ୍ବଲପୁର • ବାଲେଶ୍ୱର • ଯାଜପୁର • ଶୁକ୍ରବାର • ୧୫ ମାର୍ଚ୍ଚ ୨୦୧୯ • ୧୬ ପୃଷ୍ଠା • ₹ 5/-

ବିଜେଡିର ପ୍ରାର୍ଥୀ ତାଲିକା ୧୭ରେ !

ଭୁବନେଶ୍ୱର,୧୪।୩/ଏନ୍ଏନ୍ଏସ୍:

ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ ୧୮ରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ତେଣୁ ସବୁ ରାଜନୈତିକ ଦଳ କ୍ୟାମ୍ପରେ ପ୍ରାର୍ଥୀ ଚୟନ ପାଇଁ କସରତ୍ ଜୋରଦାର ଚାଲିଛି । ସବୁଠାରୁ ଅଧିକ ସଂଖ୍ୟକ ଆଶାୟୀ ଥିବା ଶାସକ ବିଜେଡି ପାଇଁ ପ୍ରାର୍ଥୀ ଚୟନ ଚିନ୍ତାର ବିଷୟ ପାଲଟିଛି । ଏସବୁ ମଧ୍ୟରେ ବିଜୁ ଜନତା ଦଳ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିସାରିଛି । ୪ଟି ଲେକସଭା ଓ ୨୮ ଟି ବିଧାନସଭା ପାଇଁ ଆସନ ଚୁଡ଼ାନ୍ତ ହୋଇଥିବା ଦଳୀୟ ସୁତ୍ରରୁ ସୂଚନା ମିଳିଛି । ସବୁଠାରୁ ମୁଖ୍ୟକଥା ହେଉଛି ବିବାଦକୁ ଏଡ଼ାଇବା ପାଇଁ ଦଳ ପରିବାରରୁ ଜଣଙ୍କୁ ଟିକେଟ୍ ଦେବାକୁ ନିଷ୍ପତ୍ତି ହୋଇଛି ।

ଚଳିତ ନିର୍ବାଚନରେ ନବୀନଙ୍କ ଘୋଷଣା ଅନୁସାରେ ଲୋକସଭାରେ ମହିଳାଙ୍କୁ ପ୍ରାଧାନ୍ୟ ଦିଆଯିବ । ତେଣୁ ଲୋକସଭା ଲଢ଼େଇ ପାଇଁ ଦଳ ୭ ଜଣ ମହିଳା ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇବ । ତେବେ ପ୍ରଥମ ପର୍ଯ୍ୟାୟ ବ୍ରହ୍ମପୁର, କୋରାପୁଟ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ୪ଟି ଲୋକସଭା ଓ ୨୮ ଟି ବିଧାସଭା ଆସନ ପାଇଁ ନିର୍ବାଚନ ହେବ । ଏହିସବୁ ଆସନ ପାଇଁ ପ୍ରାର୍ଥୀ ଚୁଡାନ୍ତ କରିବା ଲାଗି ବୁଧବାର ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ନେତାମାନଙ୍କ ସହ ଆଲୋଚନା କରିଥିଲେ । ବ୍ରହ୍ମପୁର ଦାୟିତ୍ୱରେ ଥିବା ମହେଶ୍ୱର ମହାନ୍ତି, କୋରାପୁଟ ଦାୟିତ୍ୱରେ ଥିବା ପ୍ରଣବ ପ୍ରକାଶ ଦାସ, କଳାହାଣ୍ଡି ଜିଲ୍ଲା ଦାୟିତ୍ୱରେ ଥିବା ନିରଞ୍ଜନ ପୁଜାରୀ ଏବଂ ନବରଙ୍ଗପୁର ଦାୟିତ୍ୱରେ ଥିବା ସଞ୍ଜୟ ଦାସବର୍ମା ସୁପ୍ରିମୋଙ୍କ ଆଗରେ ଆଶାୟୀଙ୍କ ରିପୋର୍ଟ କାର୍ଡ ରଖିଥିଲେ । ଏହାସହ ଅନ୍ୟ ଜିଲ୍ଲା ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକମାନଙ୍କ ମଧ୍ୟରେ ପ୍ରଦୀପ ପାଣିଗ୍ରାହୀ, ରବି ନନ୍ଦ, ଆୟୁବ ଖାଁ, ସୂର୍ଯ୍ୟ ନାରାୟଣ ପାତ୍ର, ଡମ୍ବରୁ ଶିଶା, କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ପୁଷ୍ପେନ୍ଦ୍ର ସିଂଦେଓ, ସୁଶାନ୍ତ ସିଂ, ବଳଭଦ୍ର ମାଝି ପ୍ରମୁଖ ନବୀନଙ୍କ ନିକଟରେ ଜିଲ୍ଲା ରିପୋର୍ଟ ଉପସ୍ଥାପନ କରିଥିଲେ । ଏହି ରିପୋର୍ଟ ଆଧାରରେ ପ୍ରାର୍ଥୀ ଚୁଡ଼ାନ୍ତ କରିବା ପାଇଁ ବହୁ ସମୟ ଧରି ନବୀନ ଆଲୋଚନା କରିଥିଲେ । ୪ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି । ସେହିପରି ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବିଧାନସଭା ଆସନ ସହ ପ୍ରାୟ ୫୦ରୁ ୬୦ ଜଣ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଥିବା ଦଳୀୟ ସୁତ୍ରରୁ ଜଣାପଡ଼ିଛି । ଦଳରେ ଆଶାୟୀଙ୍କ ସଂଖ୍ୟା ବହୁତ ଅଧିକ ରହିଥିବାରୁ ସବୁଦିଗ ଉପରେ ନଜର୍ ରଖିଛନ୍ତି ଖୋଦ୍ ଦଳର ମୁଖିଆ ।

ମିଳିଥିବା ତଥ୍ୟ ଅନୁସାରେ ବ୍ରହ୍ମପୁର ଲୋକସଭା ଆସନ ପାଇଁ ବିଜେଡି ପୂର୍ବତନ ସାଂସଦ ଗୋପିନାଥ ଗଜପତିଙ୍କ କନ୍ୟା କଲ୍ୟାଣୀ ଗଜପତି, କୋରାପୁଟ ଲୋକସଭା ଆସନ ପାଇଁ ଝିନ୍ନ ହିକ୍କାଙ୍କ ସ୍ତ୍ରୀ କୌଶଲ୍ୟା ହିକ୍କାଙ୍କୁ ପ୍ରାର୍ଥୀ କରିବା ନେଇ ସ୍ଥିର ହୋଇଛି । ସେହିଭଳି ନବରଙ୍ଗପୁର ଲୋକସଭା ଆସନରୁ ମନ୍ତ୍ରୀ ରମେଶ ମାଝୀଙ୍କୁ ପ୍ରାର୍ଥୀ କରାଯିବା ନେଇ ନିଷ୍ପତ୍ତି ହୋଇଛି । କଳାହାଣ୍ଡି ଲୋକସଭା ଆସନରୁ ସାଂସଦ ଅର୍କକେଶରୀ ସିଂଦେଓଙ୍କ ବଦଳରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓଙ୍କୁ ପ୍ରାର୍ଥୀ କରାଯିବା ନେଇ ଆଲୋଚନା ହୋଇଛି । ଏହି ଆସନ ପାଇଁ ବିଧାୟକ କ୍ୟାପ୍ଟେନ୍

▶▶ ୭

ଲାଲଗଡ଼ ପାଇଁ ଲାଲ୍‌ବାହିନୀ ସଜବାଜ

- ୩ ଭାଗରେ ବିଭକ୍ତ ନକ୍ସଲ ବାହିନୀ
- ନିର୍ବାଚନ ସମୟରେ ଅଘଟଣ ସମ୍ଭାବନା
- ୧୫ ହଜାର କେନ୍ଦ୍ରୀୟ ଯବାନ ନିୟୋଜିତ
- କେନ୍ଦ୍ରୀୟ ବଳ ମାଗିଲା ଜିଲ୍ଲା ପ୍ରଶାସନ
- ନିର୍ବାଚନ କମିଶନଙ୍କୁ ଅବଗତ କରାଯାଇଛି

ରାୟଗଡ଼ା,୧୪।୩/ଏନ୍ଏନ୍ଏସ୍:

ଦୀର୍ଘଦିନର ନିରବତା ପରେ ଧିରେ ଧିରେ ରାୟଗଡ଼ା ଜିଲ୍ଲାରେ ମାଓବାଦୀ ନିଜ ସ୍ଥିତି ଜାହିର କରିବାରେ ଲାଗିଲେଣି । ଗତ କିଛିଦିନ ତଳେ ମାଓ ସଂଗଠନର କେନ୍ଦ୍ରୀୟ କମିଟି ପରିବର୍ତ୍ତନ ପରେ ଏବେ ତୃଣମୂଳ ସ୍ତରରେ ସଂଗଠନ ମଜଭୁତ ପାଇଁ ଆରମ୍ଭ ହୋଇଛି କାର୍ଯ୍ୟ ଖସଡ଼ା । ଗୋଟିଏ ପଟେ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ସାଙ୍ଗକୁ ଅନ୍ୟପକ୍ଷେ ଗରିଲା ଯୁଦ୍ଧର ତରିକା ପରିବର୍ତ୍ତନ କରି ଅଧିକରୁ ଅଧିକ ସୁରକ୍ଷା ବଳକୁ କ୍ଷତି ପହଞ୍ଚାଇବା ପାଇଁ ଯୋଜନା ପ୍ରସ୍ତୁତି କରିଛି ଲାଲବାହିନୀ । ସେପଟେ ନକ୍ସଲଙ୍କୁ ପ୍ରତିହତ କରିବାପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ୮ ବାଟାଲିୟନ ସୀମା ସୁରକ୍ଷା ବଳ(ବିଏସ୍ଏଫ୍),୨ ବାଟାଲିୟନ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆର୍‌ପିଏଫ୍), ଗୋଟିଏ ବାଟାଲିୟନ କୋବ୍ରା ସଜାଗ ରଖାଯାଇଛି । ସେହିଭଳି ପ୍ରତ୍ୟେକ ଜିଲ୍ଲାରେ ଅଛନ୍ତି ନିଜସ୍ୱ ଆର୍ମ ଫୋର୍ସ ସାଙ୍ଗକୁ ଗ୍ରେହାଉଣ୍ଡ, ଡିଭିଏଫ, ଏସ୍‌ଓଜି । ଯଦି ହିସାବକୁ ନିଆଯାଏ ତେବେ ଅବିଭକ୍ତ କୋରାପୁଟରେ ନକ୍ସଲ ଦମନ ପାଇଁ ରାଜ୍ୟ ସରକାରଙ୍କ ସୁରକ୍ଷା ଯବାନଙ୍କୁ ମିଶାଇ ପ୍ରାୟ ୧୫ ହଜାର କେନ୍ଦ୍ରୀୟ ଯବାନ ନିୟୋଜିତ ହୋଇଛନ୍ତି । ସେପଟେ ନକ୍ସଲ ଗତିବିଧି ଏବଂ କାର୍ଯ୍ୟକଳାପକୁ ପ୍ରତିହତ ପାଇଁ ଅଣ୍ଟା ଭିଡ଼ିଛି ଆଣ୍ଟି ନକ୍ସଲ ପିପୁଲ ପିସ୍ ଫୋର୍ସ । ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଏବଂ କନ୍ଧମାଳ ଭଳି ମାଓ ଉପଦ୍ରୁତ ୫ ଟି ଜିଲ୍ଲାରେ ୬୦୦ ଯୁବକଙ୍କୁ ନେଇ ଗଠନ କରୁଛି ଏଏନପିପି ସେନା । ଏମାନଙ୍କୁ ମଧ ଗରିଲା ଟ୍ରେନିଙ୍ଗ ଦିଆଯାଇ ନକ୍ସଲଙ୍କ ସହିତ ସମ୍ମୁଖ ଯୁଦ୍ଧ କରିବାର ତାଲିମ ଦିଆଯାଉଛି । ଏତ ଗଲା ସୁରକ୍ଷା ବଳର ସ୍ଥିତି ଏବଂ ଏଏନ୍‌ପିପି ସେନାର କଥା ।

ସେହିଭଳି ମାଓ ସଂଗଠନକୁ ତିନିଭାଗରେ ବିଭକ୍ତ କରାଯାଇଛି । ପ୍ରଥମ ସଶସ୍ତ୍ର ଗରିଲା ବାହିନୀ, ଦ୍ୱିତୀୟରେ ଜନନାଟ୍ୟ ଦଳ ଏବଂ ତୃତୀୟରେ ରହିଛନ୍ତି ସମର୍ଥକ ବା ମିଲିସିଆ । ସଂଗଠନ କ୍ଷେତ୍ରରେ ଜନନାଟ୍ୟ ଦଳର ଭୂମିକା ଅଧିକ, ଏମାନେ ଗାଁ ଗାଁରେ ନାଚଗୀତ ଗାଇ ଲୋକଙ୍କ ମଧ୍ୟରେ ମାଓ ସଙ୍ଗଠନ ପ୍ରତି ଆକୃଷ୍ଟ କରିବା ମୂଳ ଲକ୍ଷ୍ୟ । ପ୍ରଥମ ପର୍ଯ୍ୟାୟରେ ଜନନାଟ୍ୟ ଦଳ ମିଲିସିଆ ବା ସମର୍ଥକ ଯୋଗାଡ଼ କରି ସଶସ୍ତ୍ର ଗରିଲା ବାହିନୀକୁ ହସ୍ତାନ୍ତର ପରେ ସେମାନଙ୍କ ମଧ୍ୟରୁ କିଏକେତେ ବିଶ୍ୱସ୍ତ ପରୀକ୍ଷା ନିରୀକ୍ଷା ପରେ ସେମାନଙ୍କ କ୍ୟାଡରଭୁକ୍ତ କରାଯାଉଛି । ଏଭଳି କ୍ରମରେ ଦେଖିବାକୁ ଗଲେ ମାଲକାନଗିରି ଜିଲ୍ଲାରେ ୩୫୦ କ୍ୟାଡର ମାଓବାଦୀ ଥିବାବେଳେ ୧୫ ଟି ଜନନାଟ୍ୟ ଦଳ (ପ୍ରତ୍ୟେକ ଦଳରେ ୨୦ ସଦସ୍ୟ) ଏବଂ ପ୍ରାୟ ୭୦୦ ମିଲିସିଆ ରହିଥିବେ । ସେହିଭଳି କୋରାପୁଟ ଜିଲ୍ଲାରେ ୧୫୦ କ୍ୟାଡର ମାଓବାଦୀଙ୍କ ସହିତ ୫ଟି ଜନନାଟ୍ୟ ଦଳ ଏବଂ ପ୍ରାୟ ୨୦୦ ମିଲିସିଆର ରହିଥିବା ସୂଚନା ରହିଛି । ନବରଙ୍ଗପୁର ଜିଲ୍ଲାରେ ୫୦ କ୍ୟାଡର ମାଓବାଦୀ ରହିଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ମିଲିସିଆ କାମକରୁଛନ୍ତି । ଠିକ୍ ସେହିଭଳି ରାୟଗଡ଼ା ଜିଲ୍ଲାରେ ମଧ ୫୦ କ୍ୟାଡର ମାଓବାଦୀ ରହିଥିବା ବେଳେ ଏଠି ମଧ ୧୦୦ରୁ ଉର୍ଦ୍ଧ୍ୱ ମିଲିସିଆ କାମ କରୁଥିବା ଜଣାପଡ଼ିଛି । ତେବେ ମୋଟାମୋଟି ଭାବେ ଏହି ଚାରି ଜିଲ୍ଲାରେ ୬୦୦ କ୍ୟାଡର ମାଓବାଦୀ କାମ କରୁଥିବାବେଳେ ଏମାନଙ୍କୁ ପ୍ରତିହତ ପାଇଁ ନିୟୋଜିତ ୧୫ ହଜାର ଯବାନ ଏଯାଏଁ ସମ୍ପୂର୍ଣ୍ଣ ରୂପେ ସଫଳ ହୋଇପାରି ନାହାଁନ୍ତି ମାଓଦମନ କ୍ଷେତ୍ରରେ ।

ଯଦିଓ ଓଡ଼ିଶାରେ ନକ୍ସଲ ଆନ୍ଦୋଳନ କଥା ମନେପଡ଼େ ତେବେ ୧୯୬୮ ମସିହାରେ ରାୟଗଡ଼ା ଜିଲ୍ଲା ଗୁଣପୁରରୁ ନାଗଭୂଷଣ ପଟ୍ଟନାୟକଙ୍କ ନେତୃତ୍ୱରେ ଭୂଆନ୍ଦୋଳନ, ଖାଦ୍ୟ ପାଇଁ ସଂଘର୍ଷ, ଜମି ଅଧିକାର , ଶିଳ୍ପାୟନ ପାଇଁ ଖଣିଖାଦାନ, ଜମିଦାର ପ୍ରଥା ଉଚ୍ଛେଦ, ବିସ୍ଥାପନ ଏବଂ ପୁନର୍ବାସକୁ ନେଇ ଆରମ୍ଭ ହୋଇଥିଲା ଅନ୍ଦୋଳନ । ପରବର୍ତ୍ତୀ ସମୟରେ ଯଦିଓ ଏହିସବୁ କଥା ଆଜି ମଧ୍ୟ ମାଓ ସଙ୍ଗଠନର ମୁଖ୍ୟ ଲକ୍ଷ୍ୟ ତେବେ ଆଭିମୁଖ୍ୟ କିନ୍ତୁ ବଦଳି ଯାଇଛି । ଯଦିଓ ୧୯୩୦ ମସିହାରୁ ମାଲକାନଗିରି ଅଞ୍ଚଳରେ

▶▶ ୭

କେଜେଡିକୁ 'ଟୋପି'

ରାଉରକେଲା,୧୪।୩/ଏନ୍ଏନ୍ଏସ୍: କୋସଲ ଜନତା ଦଳ (କେଜେଡି)କୁ ୨୦୧୯ ନିର୍ବାଚନ ପାଇଁ ଟୋପି ଚିହ୍ନ ମିଳିଛି । କେନ୍ଦ୍ରୀୟ ନିର୍ବାଚନ କମିଶନ ଦେଇଥିବା ଏହି ଚିହ୍ନ ତାଙ୍କର ୱେବସାଇଟ୍‌ରେ ଉପଲବ୍ଧ ହୋଇଛି । ନିର୍ବାଚନ କମିଶନରଙ୍କ ଠାରେ ପଞ୍ଜିକୃତ ଦଳ ଭାବେ ଏହାର ପ୍ରାର୍ଥୀମାନେ ମନୋୟନ ପତ୍ର ଦାଖଲ ବେଳେ ସେମାନଙ୍କ ଦଳୀୟ ପ୍ରାର୍ଥୀର ଚିହ୍ନ ଅର୍ଥାତ ଟୋପି ଚିହ୍ନ ବୋଲି ଲେଖି ପାରିବେ ।

କଂଗ୍ରେସର ୨ୟ ପ୍ରାର୍ଥୀ ତାଲିକା ଘୋଷିତ

ନୂଆଦିଲ୍ଲୀ,୧୪।୩/ଏଜେନ୍ସି: କଂଗ୍ରେସ ବୁଧବାର ସନ୍ଧ୍ୟାରେ ତା'ର ଦ୍ୱିତୀୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଉତ୍ତରପ୍ରଦେଶର ୧୬ ଓ ମହାରାଷ୍ଟ୍ରର ୫ ଲୋକସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଉତ୍ତରପ୍ରଦେଶ କଂଗ୍ରେସ ମୁଖ୍ୟ ରାଜ ବବର ମୋରାଦାବାଦ ଆସନରୁ ପ୍ରାର୍ଥୀ ହେବେ । ବିଜେପିର ପୂର୍ବତନ ସାଂସଦ ସାବିତ୍ରୀ ଫୁଲେ ବାହାରିଚ ଆସନରୁ କଂଗ୍ରେସର ପ୍ରାର୍ଥୀ ହେବେ । ପୂର୍ବତନ ସାଂସଦ ପ୍ରିୟା ଦତ୍ତ ମହାରାଷ୍ଟ୍ରର ମୁମ୍ବାଇ ନର୍ଥ ଆସନରୁ ଲଢ଼ିବେ । କଂଗ୍ରେସ ମହାରାଷ୍ଟ୍ରର ନାଗପୁର ଆସନରୁ ନାନା ପାଟୋଲେଙ୍କୁ ପ୍ରାର୍ଥୀ କରିଥିଲାବେଳେ ମିଲିନ୍ଦ ମୁରଲୀ ଦେଓରା ମୁମ୍ବାଇ ସାଉଥରୁ ଲଢ଼ିବେ । ସୁଶିଲ କୁମାର ସିନ୍ଧେ ସୋଲାପୁର, ନାମଦେବ ଦଲୌଜି କୁସେଦି ଗଡ଼ଚିରୋଲି-ଚିମୁର ଆସନରୁ ପ୍ରାର୍ଥୀ ହେବେ । କଂଗ୍ରେସ ନେତା ଶ୍ରୀପ୍ରକାଶ ଜୈସୱାଲ କାନପୁର ଆସନରୁ ପ୍ରାର୍ଥୀ ହେବେ । ସଞ୍ଜୟ ସିଂହ ସୁଲତାନପୁର, ଉମାବତୀ ଦେବୀ ଯାଦବ ନାଗିନା ଆସନରୁ ଲଢ଼ିବେ ବୋଲି କଂଗ୍ରେସ ଘୋଷଣା କରିଛି ।

ବିଜେଡିରୁ ବଳଭଦ୍ରଙ୍କ ଇସ୍ତଫା

- ମୁଖ୍ୟମନ୍ତ୍ରୀଙ୍କୁ ଭେଟିପାରିଲେନି
- ଛାଡ଼ିବା ପୂର୍ବରୁ ନବୀନଙ୍କୁ ପ୍ରଶଂସା
- ଦଳରେ ଅଣଦେଖା ଅଭିଯୋଗ

ଭୁବନେଶ୍ୱର, ନବରଙ୍ଗପୁର, ୧୪।୩/ଏନ୍ଏନ୍ଏସ୍:

ନବରଙ୍ଗପୁର ବିଜେଡି ସାଂସଦ ଇଂ ବଳଭଦ୍ର ମାଝି ଗୁରୁବାର ଦଳରୁ ଇସ୍ତଫା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନପାରି ସେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସଙ୍କୁ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ଦଳର ସାଂସଦ ହୋଇଥିଲେ ବି ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିବାକୁ ନ ଦେବା ଓ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ନକରିବା ପ୍ରତିବାଦରେ ସେ ଏହି ପଦକ୍ଷେପ ନେଇଥିବା କହିଛନ୍ତି । ନବୀନ ତାଙ୍କ ପାଇଁ ଆଦର୍ଶ । ସେ ଜଣେ ଭଲ ଜନପ୍ରତିନିଧି ବୋଲି କହିବାକୁ ଭୁଲି ନାହାନ୍ତି ବଳଭଦ୍ର ।

ତେବେ ଆସନ୍ତା ନିର୍ବାଚନରେ ସେ ବିଜେଡି ବିରୋଧରେ ଯିବେ ବୋଲି ସୂଚନା ଦେଇଛନ୍ତି । ସେ ଗୁରୁବାର ନବୀନ ନିବାସ ଆସିଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଦଳୀୟ ଆଲୋଚନାରେ ମତେ ଅଣଦେଖା କରାଯାଉଛି । ମୋତେ ଗୁରୁତ୍ୱ ଦିଆଯାଉନାହିଁ । ଏଣୁ ମୁଁ ଭାବିଲି ପାର୍ଟିରେ ମୁଁ ଅଲୋଡ଼ା ହୋଇଗଲିଣି, ସେଥିପାଇଁ ମୁଁ ଇସ୍ତଫା ଦେଉଛି । ମୁଁ ଦଳ ସୁପ୍ରିମୋଙ୍କୁ ଭେଟିବା ପାଇଁ ଚେଷ୍ଟା କରିଥିଲି କିନ୍ତୁ ତାଙ୍କର ବ୍ୟସ୍ତତା ଯୋଗୁ ଭେଟ ହୋଇପାରିନି । କିନ୍ତୁ ମୋର ଇସ୍ତଫାପତ୍ର ତାଙ୍କର ରାଜନୈତିକ ସଚିବ ହାତରେ ଦେଇ ଆସିଛି । ମୁଁ ଜାଣିନି ଦଳ ରମେଶ ମାଝିଙ୍କୁ ଆସନ୍ତା ନିର୍ବାଚନରେ ସାଂସଦ ପ୍ରାର୍ଥୀ କରୁଛନ୍ତି ବୋଲି କେବଳ ଗଣମାଧ୍ୟମ ପାଖରୁ ଶୁଣିଛି । ଯଦି ହେଉଥାନ୍ତି ତାହା ସ୍ୱାଗତଯୋଗ୍ୟ, କିନ୍ତୁ ମୁଁ ସବୁବେଳେ କହିଆସିଛି ଯିଏ ନବରଙ୍ଗପୁର ଲୋକସଭା ଆସନ ପାଇଁ ଯିଏ ଉପଯୁକ୍ତ ବ୍ୟକ୍ତି ଅଛି ଯେ କୌଣସି ଦଳର ହେଉନା କାହିଁକି ଏବଂ ମୋ ଠାରୁ ଯଦି କିଏ ଭଲ ପ୍ରାର୍ଥୀ ଅଛି ତେବେ ତାକୁ ସୁଯୋଗ ଦିଆଯାଉ । ଆହୁରି ସେ କହିଛନ୍ତି, ମୁଁ ଲୋକଙ୍କ ସେବା ପାଇଁ ରାଜନୀତିକୁ ଆସିଥିଲି । ସେମାନଙ୍କ ପାଇଁ ମୁଁ ଅଛି ଓ ସେମାନଙ୍କ ପାଇଁ ମୁଁ କାମ କରିବି । ଅନ୍ୟ କୌଣସି ଦଳରେ ଯୋଗଦେବା ପାଇଁ ମୁଁ ନିଷ୍ପତ୍ତି ନେଇନାହିଁ । ନିର୍ବାଚନରେ ଚୁପ୍ ନବସି ଯଦି ଦରକାର ପଡ଼େ ତେବେ ଯୋଗ୍ୟ ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବି ବୋଲି କହିଛନ୍ତି ବଳଭଦ୍ର ।

ମୁଖ୍ୟମନ୍ତ୍ରୀ ୧୯ବର୍ଷ ହେଲା ଭଲ କାମ କରିଛନ୍ତି । ସେ ଜଣେ ଭଲ ପ୍ରଶାସକ ଓ ରାଜନେତା ଓ ମୋର ଆଦର୍ଶ ମଧ । ସେ ମୋତେ ବହୁତ କାମ କରିବା ପାଇଁ ମୋ ନିର୍ବାଚନ ମଣ୍ଡଳୀରେ ମୋତେ ସୁଯୋଗ ଦେଇଛନ୍ତି । ରେଳପଥଠୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ମୁଁ କରିଛି । ମୁଁ ଲୋକଙ୍କ ପାଇଁ କାମ କରୁଥିଲି ଆଗକୁ ମଧ କରିବି ବୋଲି ବଳଭଦ୍ର କହିଛନ୍ତି ।

ବିଜେଡି ଇସ୍ତାହାର କମିଟି ଘୋଷିତ

ଭୁବନେଶ୍ୱର, ୧୪।୩/ଏନ୍ଏନ୍ଏସ୍:

ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ସାଧାରଣ ନିର୍ବାଚନ ପାଇଁ ଗୁରୁବାର ଦଳର ଇସ୍ତାହାର କମିଟି ଘୋଷଣା କରିଛନ୍ତି । କମିଟିର ସବୁ ବର୍ଗକୁ ଗୁରୁତ୍ୱ ଦିଆଯାଇଛି । ଏହି ଇସ୍ତାହାର କମିଟିର ଅଧ୍ୟକ୍ଷ ଭାବେ ବେଦ ପ୍ରକାଶ ଅଗ୍ରୱାଲଙ୍କୁ ନିଯୁକ୍ତି ଦିଆଯାଇ ଥିବାବେଳେ, ସହ-ଅଧ୍ୟକ୍ଷ ଭାବେ ପ୍ରସନ୍ନ ଆଚାର୍ଯ୍ୟ, ସୌମ୍ୟରଞ୍ଜନ ପଟ୍ଟନାୟକ, ମଙ୍ଗଳା କିଷାନ, ପଦ୍ମନାଭ ବେହେରା ଏବଂ କସ୍ତୁରୀ ମହାପାତ୍ରଙ୍କୁ ନିଯୁକ୍ତି ମିଳିଛି । ସେହିପରି କମିଟିର ସଦସ୍ୟ ଭାବେ ଅନଙ୍ଗ ଉଦୟ ସିଂହଦେଓ, ଭର୍ତ୍ତୃହରି ମହତାବ, ଡ. ଅଚ୍ୟୁତ ସାମନ୍ତ, ଅତନୁ ସବ୍ୟସାଚୀ ନାୟକ, ସଂଜୟ କୁମାର ଦାସବର୍ମା, ଡ. ଅରୁଣ କୁମାର ସାହୁ, ସୁଦାମ ମାର୍ଣ୍ଡି, ରମେଶ ଚନ୍ଦ୍ର ମାଝୀ, ସୁବାସ ସିଂହ, ଡ. ମିନତୀ ବେହେରା, ଲୋପାମୁଦ୍ରା ବକ୍ସିପାତ୍ର, ନବ କିଶୋର ଦାସ, ଡ. ଦିଲ୍ଲୀପ ତିର୍କୀ, ସାଂସ୍କୃତିକ ସମନ୍ୱୟ ସେଲ୍‌ର ଆବାହକ ରବି ନାରାୟଣ ନନ୍ଦ, ଇଂ ନଳିନୀକାନ୍ତ ପ୍ରଧାନ, ଆଇନଜୀବୀ ଅସୀମ ଅମିତାଭ ଦାସ, ମୁନ୍ନା ଖାନ୍, ଅନନ୍ତ ନାରାୟଣ ଜେନା, ଡ. ସସ୍ମିତ ପାତ୍ର, ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର, ତେଜେଶ୍ୱର ପରିଡ଼ା, ଚିନ୍ମୟ ସାହୁ, ଅମରେଶ ପତ୍ରି, ରାଣା ପ୍ରତାପ ପାତ୍ର, ଏସ୍ଏଚ୍‌ଜି ଫେଡେରେସନ୍ ବଲାଙ୍ଗିର ସଭାନେତ୍ରୀ ସୁଜାତା ମିଶ୍ର, ସୁନ୍ଦରଗଡ଼ର ସରସ୍ୱତୀ କିଷାନ, ମୟୂରଭଞ୍ଜର ବିଷ୍ଣୁପ୍ରିୟା ଦାସ, କଳାହାଣ୍ଡିର ପଙ୍କଜିନୀ ମଙ୍ଗରାଜ, କେନ୍ଦୁପତ୍ର ତୋଳାଳି ନେତ୍ରୀ ମାନିନୀ ନାୟକ, କୃଷକ ନେତା କିଶୋର ଦେବତା ପ୍ରମୁଖଙ୍କୁ ନିଯୁକ୍ତି ଦିଆଯାଇଛି ।

ବୋଇଂ ୭୩୭ ମ୍ୟାକ୍ସ ୮ ଚଳାଚଳ ବନ୍ଦ

ନୂଆଦିଲ୍ଲୀ,୧୪।୩/ଏଜେନ୍ସି:

ଇଥିଓପିଆ ବିମାନ ଦୁର୍ଘଟଣାର ତିନିଦିନ ପରେ ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଭାରତରେ ବୋଇଂ ୭୩୭ ମ୍ୟାକ୍ସ ୮ ବିମାନ ଉଡ଼ାଣ ଉପରେ ପ୍ରତିବନ୍ଧକ ଲଗାଇଛି । ବୁଧବାର ଅପରାହ୍ଣ ୪ଟା ପରଠାରୁ ବୋଇଂ ବିମାନର ଉଡ଼ାଣ ବନ୍ଦ କରିବାକୁ ଡିଜିସିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବୋଇଂ ୭୩୭ ମ୍ୟାକ୍ସ ୮ ବିମାନରେ ଆବଶ୍ୟକୀୟ ପରିବର୍ତ୍ତନ ଓ ସୁରକ୍ଷା ସମ୍ବନ୍ଧିତ ପଦକ୍ଷେପକୁ ସୁନିଶ୍ଚିତ କରାଯିବା ପର୍ଯ୍ୟନ୍ତ ଏହି ରୋକ୍ ଜାରି ରହିବ । ଏହି ପରିପ୍ରେକ୍ଷୀରେ ସ୍ପାଇସ୍ ଜେଟ୍ ପକ୍ଷରୁ ୧୪ଟି ବିମାନର ଉଡ଼ାଣ ବାତିଲ କରାଯାଇଛି । ତେବେ ଯାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ମଡେଲ୍‌ର ବିମାନ ନିର୍ମାଣକାରୀ କମ୍ପାନୀଙ୍କ ସହିତ ଯୋଗାଯୋଗ କରାଯାଉଛି ବୋଲି ଡିଜିସିଏ କହିଛି । ବୋଇଂ ୭୩୭ ମ୍ୟାକ୍ସ ୮ ଏକ ଅତ୍ୟାଧୁନିକ ମଡେଲ୍ । ଏହି ମଡେଲ୍ ୨୦୧୭ ମସିହା ମେ' ମାସରୁ ବ୍ୟବସାୟିକ ଉଡ଼ାଣ ଆରମ୍ଭ କରିଥିଲା ଏବଂ ଗତ ପାଞ୍ଚମାସ ମଧ୍ୟରେ ଏହା ଦୁଇଦୁଇ ଥର ଦୁର୍ଘଟଣାଗ୍ରସ୍ତ ହେବା ପରେ ଏହାର ନିରାପତ୍ତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଫଳରେ ଅନ୍ୟ ଦେଶଗୁଡ଼ିକରେ ଏହି ବିମାନର ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଯାଇଛି । ବର୍ତ୍ତମାନ ଭାରତ ମଧ ଏହା ଉପରେ ରୋକ୍ ଲଗାଇଛି ।

ଏବେ ଭାରତରେ ଦୁଇଟି ଏୟାରଲାଇନ୍‌ସରେ ବୋଇଂ ୭୩୭ ମ୍ୟାକ୍ସ ବିମାନ ଚଳାଚଳ କରୁଛି । ଏହି ଦୁଇଟି ଏୟାରଲାଇନ୍‌ସ ହେଲା ସ୍ପାଇସ୍ ଜେଟ୍ ଓ ଜେଟ୍ ଏୟାରୱେଜ୍ । ଏହି ଅବସରରେ ସ୍ପାଇସ୍ ଜେଟ୍ ପକ୍ଷରୁ କୁହାଯାଇଛି ତା'ର ରହିଥିବା ୭୬ଟି ବିମାନ ମଧ୍ୟରୁ ୬୪ଟି ବିମାନ ଚାଲୁ ଅବସ୍ଥାରେ ରହିଛି । ବୋଇଂ ବିମାନ ଚଳାଚଳ ବନ୍ଦ କରିବା ଦ୍ୱାରା ଯାତ୍ରୀମାନଙ୍କୁ ହେଉଥିବା ଅସୁବିଧା ଦୂର ପାଇଁ ବିହିତ ପଦକ୍ଷେପ ନିଆଯାଉଛି ବୋଲି ସ୍ପାଇସ୍ ଜେଟ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି । ଇତିମଧ୍ୟରେ ସ୍ପାଇସ୍ ଜେଟ୍ ୧୨ଟି ବୋଇଂ ୭୩୭ ମ୍ୟାକ୍ସ ୮ ବିମାନ ଚଳାଚଳ ବନ୍ଦ ରଖିଛି । ଜେଟ୍ ଏୟାରୱେଜ୍ ମଧ ୫ଟି ବୋଇଙ୍ଗ୍ ବିମାନ ଉଡ଼ାଣ ବନ୍ଦ କରିଦେଇଛି । ଜେଟ୍ ଏୟାରୱେଜ୍‌ର ଜଣେ ମୁଖପାତ୍ର କହିଛନ୍ତି, 'ଏହି ଏୟାରଲାଇନ୍‌ସର ୫ଟି ବୋଇଂ ୭୩୭ ମ୍ୟାକ୍ସ ବିମାନ ରହିଛି । କିନ୍ତୁ ସେଥିରୁ କୌଣସି ଗୋଟିଏ ହେଲେ ମଧ ଉଡ଼ାଣ କରୁନାହିଁ । ତେବେ ଏୟାରଲାଇନ୍‌ସ ପକ୍ଷରୁ ଏହାର ନିର୍ମାଣକାରୀ ସଂସ୍ଥା ସହ ଯୋଗାଯୋଗ କରାଯାଇଛି ।'ଗତ ରବିବାର ଇଥିଓପିଆ ଏୟାର୍‌ଲାଇନ୍ସର ବୋଇଂ ୭୩୭ ମ୍ୟାକ୍ସ ୮ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁଁ ୪ଜଣ ଭାରତୀୟଙ୍କ ସମେତ ମୋଟ ୧୫୭ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା । ଏହା ପୂର୍ବରୁ ଗତ ଅକ୍ଟୋବର ୨୯ରେ ମଧ ଇଣ୍ଡୋନେସିଆର ଲାୟନ୍ ଏୟାର୍‌ଲାଇନ୍ସର ଏହି ବିମାନ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଜାଭାରେ ଖସିପଡ଼ିବାରୁ ଏଥିରେ ଥିବା ସମସ୍ତ ଯାତ୍ରୀ (ମୋଟ ୧୮୯ ଜଣ)ଙ୍କ ମୃତ୍ୟୁ ଘଟିଥିଲା । ଏହି ଦୁଇଟି ଦୁର୍ଘଟଣା ବୋଇଂ ୭୩୭ ମ୍ୟାକ୍ସ ୮ ମଡେଲ୍ କ୍ଷେତ୍ରରେ ଘଟିଥିଲା । ଇଥିଓପିଆ ଦୁର୍ଘଟଣା ପରେ ଚୀନ୍, ନ୍ୟୁଜିଲାଣ୍ଡ, ଦକ୍ଷିଣ କୋରିଆ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ମଙ୍ଗୋଲିଆ ସହ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଏହି ମଡେଲ୍‌ର ସମସ୍ତ ବିମାନ ଚଳାଚଳକୁ ବନ୍ଦ କରିଦେଇଛନ୍ତି । ଏଥିସହ ଇଥିଓପିଆ କମ୍ପାନୀ ମଧ ଏହି ମଡେଲ୍‌ର ବିମାନ ଚଳାଚଳକୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ କରିଦେଇଛି ।

ରାମ ବାବୁଙ୍କ ଦୁନିଆ



- ବୁଝିଲୁ ଶଙ୍କରା, ୩୩ ଭାଗ ସିଟ୍ ମହିଳାଙ୍କୁ ମିଳିବ ବୋଲି ଘୋଷଣା ପରେ ମୋ ସ୍ତ୍ରୀ ମତେ ଆଉ ବସେଇ ଉଠେଇ ଦଉନି । ଯୋଉ ଦଳରୁ ହଉ ପଛେ ଟିକେଟ୍ ଯୋଗାଡ଼ କରିବାକୁ କହୁଚି ।
- ଭାଉଜ କ'ଣ ଘ୍ୟା'କୁ ହକି ମ୍ୟାଚ୍ ଟିକେଟ୍ ବୋଲି ଭାବୁଚନ୍ତି କି ?

ବ୍ରଜ, ଖାରବେଳ, ଦାମଙ୍କ ପାଇଁ ବିଳମ୍ବ

୩ ଦିନରେ ଦିଲ୍ଲୀ ଯିବ ବିଜେପି ତାଲିକା

ଭୁବନେଶ୍ୱର, ୧୪।୩/ଏନ୍ଏନ୍ଏସ୍:

ବିଜେପିର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ଓ ଖୁବ୍‌ଶୀଘ୍ର ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଏହି ତାଲିକାକୁ କେନ୍ଦ୍ରୀୟ ନେତୃତ୍ୱଙ୍କ ଅନୁମୋଦନ ପାଇଁ ଦିଲ୍ଲୀ ପଠାଯିବ । ଦିଲ୍ଲୀରେ ସଂସଦୀୟ ବୋର୍ଡର ଅନୁମୋଦନ ପରେ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ଜଣାଯାଇଛି । ତେବେ ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁ, ବିଜୁ ସମତା କ୍ରାନ୍ତି ସଭାପତି ବ୍ରଜ ତ୍ରିପାଠୀ ଓ ବିଜେଡିରୁ ବହିଷ୍କୃତ ନେତା ଡା. ଦାମୋଦର ରାଉତଙ୍କ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ସ୍ଥାନ ଖାଲି ରଖାଯାଇଛି ବୋଲି କୁହାଯାଉଛି । ଏମାନଙ୍କର ବିଜେପିରେ ଯୋଗଦାନରେ ବିଳମ୍ବ ଘଟୁଥିବା ଯୋଗୁ ବିଜେପିର ପ୍ରାର୍ଥୀ ତାଲିକା ବିଳମ୍ବ ହେଉଛି ବୋଲି କୁହାଯାଉଛି ।

ଅଣକଂଗ୍ରେସ ଓ କଂଗ୍ରେସ ଯେଉଁମାନେ ନବୀନ ସରକାରଙ୍କୁ ବିରୋଧ କରୁଛନ୍ତି, ସେମାନଙ୍କ ପାଇଁ ବିଜେପି ଦ୍ୱାରା ଖୋଲା ରଖିଛି । ତେବେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ପାଇଁ ବ୍ରଜ, ଖାରବେଳ ଓ ଦାମଙ୍କର ବୁଧବାର ଦିଲ୍ଲୀ ଗସ୍ତ ଥିଲା ବେଳେ ଦାମ ପତ୍ନୀଙ୍କ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଦିଲ୍ଲୀ ଯାଇନାହାନ୍ତି । ଅନ୍ୟ ଦଳର ବରିଷ୍ଠ ନେତାଙ୍କ ପାଇଁ ବିଜେପିର ଚୂଡ଼ାନ୍ତ ତାଲିକା ବିଳମ୍ବ ହେଉଥିବା କୁହାଯାଉଛି । ତେବେ ଚଳିତ ନିର୍ବାଚନରେ ଅଧିକ ସଂଖ୍ୟକ ମହିଳା ପ୍ରାର୍ଥୀଙ୍କୁ ବିଜେପି ଟିକେଟ୍ ଦେବ ବୋଲି ଜଣାଯାଇଛି । ଲୋକସଭାରେ ୭ ଜଣ ମହିଳାଙ୍କୁ ଦଳୀୟ ଟିକେଟ୍ ମିଳିବାର ସମ୍ଭାବନା ଥିଲା ବେଳେ ବିଧାନସଭାରେ ମଧ୍ୟ ଅଧିକ ସଂଖ୍ୟକ ମହିଳାଙ୍କୁ ଟିକେଟ୍ ଦେବା ପାଇଁ ରାଜ୍ୟ ନିର୍ବାଚନ କମିଟି କେନ୍ଦ୍ରୀୟ ନେତୃତ୍ୱଙ୍କୁ ସୁପାରିଶ କରିବ । ଏଥିସହିତ ଅନ୍ୟଦଳରୁ ଆସି ବିଜେପିରେ ଯୋଗ ଦେଇଥିବା ବରିଷ୍ଠ ନେତା ତଥା ଭୋଟବ୍ୟାଙ୍କ୍ ଥିବା ନେତାମାନଙ୍କୁ ମଧ୍ୟ ବିଜେପି ଟିକେଟ୍ ମିଳିବ । ତେବେ ଶେଷ ମୁହୂର୍ତ୍ତରେ ଟିକେଟ୍ ପ୍ରଦାନରେ କିଛି ଅଦଳବଦଳର ସମ୍ଭାବନା ମଧ୍ୟ ରହିଛି ବୋଲି କୁହାଯାଉଛି ।

ବିଧାନସଭା ଆସନ କ୍ଷେତ୍ରରେ ଯାଜପୁରରୁ ଗୌତମ ରାୟ, ଜଗତସିଂହପୁରରୁ ସତ୍ୟବ୍ରତ ମହାପାତ୍ର, ମହାକାଳପଡ଼ାରୁ ଡ. ଦୁର୍ଗାପ୍ରସନ୍ନ ନାୟକ, ବ୍ରଜରାଜନଗରରୁ ରାଧାରାଣୀ ପଣ୍ଡା,

▶▶ ୭

ମହିଳା ପ୍ରାର୍ଥୀଙ୍କୁ ନେଇ ସବୁ ଦଳରେ ମୁଣ୍ଡବିନ୍ଧା

ଭୁବନେଶ୍ୱର, ୧୪।୩/ଏନ୍ଏନ୍ଏସ୍:

ବିଜେଡି ମହିଳା କାର୍ଡ ଖେଳି ସଂସଦୀୟ ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଟିକେଟ୍ ଦେବ ବୋଲି ଘୋଷଣା କରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋଦ୍ ଏକ ଜନସଭାରେ ଏହା ଘୋଷଣା କରିଛନ୍ତି । ତେବେ ଏହା ସବୁ ଦଳ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ବିଜେଡିକୁ ଟକ୍କର ଦେବାକୁ ଯାଇ ବିଜେପି ଓ କଂଗେସ ମଧ୍ୟ ମହିଳା ପ୍ରାର୍ଥୀଙ୍କ ସନ୍ଧାନରେ ଲାଗି ପଡ଼ିଛନ୍ତି । ଖୋଦ୍ ବିଜେଡି ପାଇଁ ବର୍ତ୍ତମାନ ମହିଳା କାର୍ଡ ଚିନ୍ତାର କାରଣ ହୋଇଛି । କାରଣ ତୃଣମୂଳ କଂଗ୍ରେସ ବିଜେଡିଠାରୁ ଏହି କାର୍ଡ ଛଡ଼ାଇ ନେବାକୁ ବସିଛି । ୪୩ ପ୍ରତିଶତ ମହିଳା ପ୍ରାର୍ଥିନୀଙ୍କୁ ଟିକେଟ୍ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନବୀନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି । ତେଣୁ ଜାତୀୟ ସ୍ତରରେ ନିଜର ଭାବମୂର୍ତ୍ତି ବଢ଼ାଇବାକୁ ହେଲେ ନବୀନଙ୍କୁ ତୃଣମୂଳଠାରୁ ଅଧିକ ପରିମାଣର ମହିଳାଙ୍କୁ ଟିକେଟ୍ ଦେବାକୁ ପଡ଼ିବ । ଉପଯୁକ୍ତ ମହିଳା ପ୍ରାର୍ଥୀଙ୍କ ସନ୍ଧାନରେ ଥିବା ବିଜେଡି ନିକଟରେ ଟିକେଟ୍ ଆଶାୟୀ ମହିଳାଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଗତ ଦୁଇଦିନ ମଧ୍ୟରେ ସଂଖ୍ୟାଧିକ ଟିକେଟ ଆଶାୟୀ ନବୀନ ନିବାସରେ ପହଞ୍ଚିଛନ୍ତି । ଯାଜପୁର ସାଂସଦ ରୀତା ତରାଇ, କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ,

ବିଜେଡିକୁ ତୃଣମୂଳର ଆହ୍ୱାନ

ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ, ସାହିତ୍ୟିକା ଇତି ସାମନ୍ତ ନବୀନ ନିବାସରେ ସୁପ୍ରିମୋଙ୍କୁ ଦେଖା କରିଥିବା ଜଣାଯାଇଛି । ଏହାସହିତ ଆହୁରି ଅନେକ ଟିକେଟ୍ ଆଶାୟୀ ମହିଳା ନେତ୍ରୀ ନବୀନଙ୍କୁ ଭେଟଥିବା ଜଣାଯାଇଛି । ଏମାନଙ୍କ ମଧ୍ୟରୁ କାହାକୁ ଟିକେଟ୍ ଦିଆଯିବ, ସେ ନେଇ ମାନସମନ୍ଥନ ଚାଲିଛି । ତେବେ ଜଣକୁ ଟିକେଟ୍ ଦିଆଗଲେ ଅନ୍ୟମାନେ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହେବାର ଆଶଙ୍କା ରହିଛି । ଟିକେଟ୍ ଆଶାୟୀ ବିଜେଡି ନେତ୍ରୀ ତଥା ମହିଳା କମିଶନ ସଦସ୍ୟା ତିଲୋତ୍ତମା ନାୟକ ଏହା ମଧ୍ୟରେ ଦଳରୁ ଇସ୍ତଫା ଦେଇସାରିଛନ୍ତି । ନିର୍ବାଚନର ଠିକ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ଆୟୁଧ କରି ଜାତୀୟ ରାଜନୈତିକ ଦୃଶ୍ୟପଟରେ ନିଜ ଛବିକୁ ଅଧିକ ଉଜ୍ଜ୍ୱଳ କରିବା ପାଇଁ ଏହି ନୂଆ ଅଭିଯାନ ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଅନେକ ମହିଳା ପ୍ରାର୍ଥୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି ।

ସେହିପରି ବିଜେପିରେ ଟିକେଟକୁ ନେଇ ଆଶାୟୀ ପ୍ରାର୍ଥିନୀଙ୍କ ମଧ୍ୟରେ ଭିଡ଼ ଲାଗିଛି । ବାଲେଶ୍ୱରରୁ ସାଂସଦ ଭାବେ ଲଢ଼ିବାକୁ ପ୍ରତିଶ୍ରୁତି ପାଇଥିବା ବିଜେପି ରାଜ୍ୟ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ସେଠାରେ ଦଳୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ଅଛନ୍ତି । ବରିଷ୍ଠ ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଭୁବନେଶ୍ୱର ଲୋକସଭା ଆସନରେ ସଂଗଠନକୁ ସଜାଡ଼ିବାରେ ଜୋରଦାର୍ ଉଦ୍ୟମ କରୁଛନ୍ତି ।

▶▶ ୭